Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R. Mohanty
Nodal Officer

**ସପ୍ତାହ –୩୧**

ନ.- ୭୧୨ (ଓଡିଆ ବୁଲେଟିନ)
ତାରିଖ-୦୫. ୦୮ . ୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ପାଣିପାଗ ସୂଚନା

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ସ୍ୱଳ୍ପ ବର୍ଷା ଏବଂ ଜଗତସିଂହପୁର ଜିଲ୍ଲାରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୦୨ ରୁ ୧୯ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୩ ରୁ ୩୬ ଡିଗ୍ରୀ ସେଲସିଅସ ଓ ୨୫ ରୁ ୨୯ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ ସୂଚନା

- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ସ୍ୱଳ୍ପ ବର୍ଷା ଏବଂ ଜଗତସିଂହପୁର ଜିଲ୍ଲାରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ଜମି ରେ ଧାନ ପ୍ରତିରୋପଣ ଅଗଷ୍ଟ ମାସ ର ଦ୍ୱିତୀୟ ସପ୍ତାହ ମଧ୍ୟରେ ସମ୍ପୂର୍ଣ କରିଦିଅନ୍ତୁ ।
- ମଧ୍ୟମ ଭୂମିରେ ଲଗାଯାଉଥିବା ଧାନର ଅବଧି ସାଧାରଣ ଅପେକ୍ଷା କମ୍ (୧୦-୧୫ ଦିନରୁ କମ୍) ହେବା ଉଚିତ୍, ଯେଉଁଠାରେ ବିହନ ବୁଣା/ଚାରା ଉଠାଣ କରାଯାଇ ନାହିଁ । ସେହି ସ୍ଥାନରେ ସହଭାଗୀ ଧାନ, ବିଣା ୧୧, ଡିଆରଆର ୩୯, ୪୨, ମନ୍ଦାକିନୀ ଭଳି ଧାନ variety ଗୁଡ଼ିକୁ ନିଆଯାଇ ପାରେ।
- ବୁଣା ଧାନ ରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ -୩୦ ଦିନ ପରେ ବେଉଷଣ କରି ଦିଅନ୍ତୁ । ବେଉଷଣ ପରେ ଏକର ପ୍ରତି ୩୫ କିଲୋଗ୍ରାମ ୟୁରିଆ ଶୀର୍ଷ ସାର ପ୍ରୟୋଗ କରନ୍ତୁ ।
- ଯେଉଁ ଅଞ୍ଚଳରେ ମାଟିଆ ଗୁଣ୍ଡି ପୋକ ଲାଗିବାର ସମ୍ଭାବନା ଅଛି, ସେଠାରେ ୮ – ୧୦ ଟି ଧାଡି ଧାନ ରୋଇବା ପରେ ୧ ଧାଡି ବ୍ୟବଧାନ ଛାଡି ପୁଣି ରୁଅନ୍ତୁ ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା, ଝାଉଂଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି । ତେଣୁ ବର୍ଷା ଛାଡି ଗଲା ପରେ, ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ Metalaxyl + Mancozeb କିମ୍ବା ୨ ଗ୍ରାମ Carbendazim+ Mancozeb ଓ ୧ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।
- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ତିନି ଦିନ ପର୍ଯ୍ୟନ୍ତ ବଜ୍ରପାତ ସହିତ ଅଧିକ ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ସେହି ସମୟରେ ବିଦ୍ୟୁତ ଉପକରଣ ଏବଂ ପାଣିମୋଟର ଚାଲୁ ରଖିବେ ନାହିଁ, କାରଣ ଏହା କ୍ଷତି ସୃଷ୍ଟି କରିପାରେ । ବିଦ୍ୟୁତ ତାର, ଲୁହା ଜାଲି ଏବଂ ମୋବାଇଲ୍ ଫୋନ୍ କୁ ବଜ୍ରପାତ ସମୟରେ ଛୁଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ତଳି ରୋପଣ ଅବସ୍ଥା | ❖ ଲେଡା ପୋକ<br>ଧାନ ରେ ଲେଡା ପୋକର ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ କରିବା ପାଇଁ ଗୁଖିଲା ପାଗ ଦେଖି ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫-ମି.ଲି ହିସାବ ରେ Lambda-cyhalothrin କିମ୍ବା ୨ ମିଲି ହିସାବ ରେ (Chlorpyriphos + Cypermethrin) ସିଂଚନ କରନ୍ତୁ । ପୋକ ଗଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ଉପରବେଳା କିମ୍ବା ସନ୍ଧ୍ୟା ସମୟସର ସିଂଚନ କରନ୍ତୁ ।<br>❖ ଘାସ ନିୟନ୍ତ୍ରଣ<br>ଉଭୟ ରୁଆ ଓ ବୁଣା ଧାନ ୧୫ ରୁ ୨୦ ଦିନ ହୋଇ ଯାଇଥିଲେ ଘାସ ୩ ରୁ ୪ ପତ୍ର ଥିବା ଅବସ୍ଥା ରେ ରାସାୟନିକ ଉପାୟ ରେ ଘାସ ଦମନ ପାଇଁ ବର୍ଷା ଛାଡ଼ିଗଲା ପରେ ଏକର ପ୍ରତି ୮୦ –ମିଲି Bispyribac Sodium ନାମକ ଘାସମରା ଔଷଧ, ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ଏହା ବଦଳରେ ଏକର ପ୍ରତି ୨୫୦-ମିଲି Fenoxaprop-p-ethyl ନାମକ ଘାସମରା ଔଷଧ ଏହା ସହିତ ୫୦-ଗ୍ରାମ Ethoxysulfuron ନାମକ ଘାସମରା ଔଷଧ, ମିଶାଇ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ଘାସମରା ଔଷଧ ସିଂଚନ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ ଏବଂ ୨-୩ ଦିନ ପରେ ଜଳସେଚନ କରନ୍ତୁ। |
| ଚିନାବାଦାମ | ବୁଣିବା ଅବସ୍ଥା - ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଶୋଷକ ପୋକ<br>ସଅଳ ବୁଣା ଯାଇଥିବା ଚିନାବାଦାମ ଫସଲରେ ବର୍ତମାନ ସମୟରେ ପତ୍ର ସୁଡଙ୍ଗୀ ପୋକ, ଜଉ ବପାକ, ପତ୍ର ଉକୁଣିବପାକ ପୋକ ଗୁଡିକର ପ୍ରାଦୁର୍ଭାବ ଦେଖାଦେବାର ସମ୍ଭାବନା ରହିଛି। ଶୁଖିଲା ପାଗ ଦେଖି ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥା ରେ ଏକର ପ୍ରତି ୬୦୦ ମି. ଲି.  ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୮୦-ଗ୍ରାମ Emamectin Benzoate ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ମକା | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଫଲ ଆର୍ମି ୱର୍ମ କୀଟ-<br>ଜମି ଅଧିକ ପାଣି ଜମି ରହିଲେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ । ବର୍ଷା ଛାଡ଼ିଗଲା ପରେ ଜୈବିକ ଉପାୟ ରେ ମକା ଫସଲ ରେ ଫଲ ଆର୍ମି ୱର୍ମ କୀଟର ପରିଚାଳନା ପାଇଁ ଏକର ପ୍ରତି ୧୨୦୦ ଗ୍ରାମ ବିୟୁଭେରିଆ ବାସିଆନା ନାମକ ଜୈବିକ କୀଟନାଶକ କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ଏକର ପ୍ରତି ୧୦-୧୨ ଟି ବାଉଁଶ କଣି ବା ଶୁଖିଲା ଡାଳ ପୋତିଲେ ତା ଉପରେ ଶିକାରୀ ପକ୍ଷୀ ଗୁଡିକ ବସି ଶୁକ ଏବଂ ଅଣ୍ଡା ଗୁଡିକୁ ଖାଇଥାନ୍ତି । ଚଅଁର ଆସିବା ପୂର୍ବରୁ ଏହି ବାଉଁଶ କଣି ଗୁଡିକୁ କାଢି ଦିଅନ୍ତୁ । ମକା ଗଛର ପତ୍ରସନ୍ଧା ରେ ବାଲି, ମାଟି ଏବଂ ପାଉଁଶର ମିଶ୍ରଣ କୁ ବିଞ୍ଚି ଦିଅନ୍ତୁ, ଏହା କରିବା ଦ୍ୱାରା ପତ୍ର ଗୁଡିକ ପୋକ ମାନଙ୍କର ଖାଇବା ପାଇଁ ଅରୁଚିକର ହୋଇଥାଏ। ରାସାୟନିକ ଉପାୟ ରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୮୦ ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin benzoate) ନାମକ କୀଟନାଶକ କିମ୍ବା ୧୦୦-ମିଲି ସ୍ପାଇନେଟୋରାମ (Spinetoram) ନାମକ କୀଟନାଶକ କିମ୍ବା ୮୦-ମିଲି କ୍ଲୋରାନଟ୍ରାନିଲିପ୍ରୋଲ (Chlorantraniliprole) ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| ମୁଗ ଓ ବିରି | ବୁଣିବା ଅବସ୍ଥା - ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ମୁଗ ଓ ବିରି ଫସଲରେ ମଞ୍ଜି ବୁଣିବା ସମୟରେ ପ୍ରାକ-ତୃଣକମାରୀ ପ୍ରୟୋଗ କରିନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଶୁଖିଲା ପାଗ ଦେଖି ଏକର ପ୍ରତି ୩୦୦-ମିଲି Imazethapyr ନାମକ ଘାସମରା ଔଷଧ କିମ୍ବା ୪୦୦-ମିଲି Quizalofop Ethyl ନାମକ ଘାସମରା ଔଷଧ ୨୦୦ - ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ନାଲି ଶଢା ରୋଗ<br>ଶୁଖିଲା ପାଗ ଦେଖି ଆଖୁ ଫସଲ ରେ ନାଲି ଶଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି Carbendazim ୧୨%+ Mancozeb ୬୩ % WP @ ୪୦୦ଗ୍ରାମ କିମ୍ବା Metalaxyl ୮ % + Mancozeb ୬୪ % @ ୪୦୦ଗ୍ରାମ, ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। |
| ବିଲାତି ବାଇଗଣ | ଲଗାଇବା ଅବସ୍ଥା | ❖ ଅଗଷ୍ଟ ଓ ସେପ୍ଟେମ୍ବର ମାସ ବିଲାତି ବାଇଗଣ ଲଗାଇବାର ଉପଯୁକ୍ତ ସମୟ । ଉନ୍ନତ ବିହନ କିସମ ଯଥା ଉତ୍କଳ କୁମାରୀ,ଉତ୍କଳ ଦୀପ୍ତି, ଉତ୍କଳ ରାଜା ଓ ସ୍ୱର୍ଣ ସମ୍ପଦ । ଏକର ପ୍ରତି ୧୫୦ ରୁ ୨୦୦ ଗ୍ରାମ ବିହନ ଦରକାର । |
| ବାଇଗଣ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଯେଉଁ ଚାଷୀ ଭାଇ ମାନେ ବାଇଗଣ ଚାରା ମୁଖ୍ୟ ଜମିରେ ରୋପଣ କରି ସାରିଛନ୍ତି କୋଡା ଖୋସା ପରେ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ ।ବଳକା ୩୦ କିଲୋଗ୍ରାମ ୟୁରିଆ କୁ ଶୀର୍ଷ ସାର ରୂପେ ଚାରା ଲଗାଇବାର ୪୫ ଦିନ ପରେ ପ୍ରୟୋଗ କରନ୍ତୁ । |
| କଖାରୁଜାତୀୟ ପନିପରିବା | ଅଙ୍ଗୀୟ ବୃଦ୍ଧି - ଫୁଲ ଓ ଫଳ ଧରିବା ଅବସ୍ଥା | ❖ ସାହେବୀ ରୋଗ<br>ବର୍ତମାନ ସମୟରେ କାକୁଡି ଓ କଖାରୁ ରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି । ବର୍ଷା ଛାଡ଼ିଗଲା ପରେ ଏହି ରୋଗ ର ନିୟନ୍ତ୍ରଣ ପାଇଁ Thiomethoxam @ ୮୦ ଗ୍ରାମ କିମ୍ବା Acetamiprid @ ୮୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଭେଣ୍ଡି | ଅଙ୍ଗୀୟ ବୃଦ୍ଧି - ଫୁଲ ଓ ଫଳ ଧରିବା ଅବସ୍ଥା | ❖ ଶୋଷକ ଜାତୀୟ କୀଟ-<br>ବର୍ତମାନ ସମୟରେ ଭେଣ୍ଡି ଫସଲ ରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ , ପତ୍ର ଡିଆଁ ପୋକ , ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ରହୁଛି। ଏହି ପୋକ ଗୁଡିକର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ପ୍ରାଥମିକ ଅବସ୍ଥା ରେ ଏକର ପ୍ରତି ୬୦୦-ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନକି ଉପାୟରେ ଏହି କୀଟ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦-ମିଲି Tolfenpyrad ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| ନଡିଆ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ କାଳିମୁଣ୍ଡି ପୋକ ର ପରିଚାଳନା ପାଇଁ ବ୍ରାକୋନ କାର୍ଡ ଜୈବ ପରୀକ୍ଷାଗାର ରୁ ଆଣି ଗଛ ବାହୁଙ୍ଗା ରେ ବାନ୍ଧି ଦିଅନ୍ତୁ । ଆକ୍ରାନ୍ତ ବାହୁଙ୍ଗା କୁ କାଟି ପୋଡି ଦିଅନ୍ତୁ।ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ପ୍ରତି ୧୦-ଲିଟର ପାଣିରେ ୪-ମିଲି କ୍ଲୋରାନଟ୍ରାନିପ୍ରୋଲ (Chlorantraniliprole) ନାମକ କୀଟନାଶକ କିମ୍ବା ୪-ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin Benzoate) ନାମକ କୀଟନାଶକ ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । |
| ଗେଣ୍ଡୁ ଫୁଲ | ଲଗାଇବା ଅବସ୍ଥା | ❖ ଅଗଷ୍ଟ ମାସ ରୁ ଜାନୁୟାରୀ ମାସ ପର୍ଯ୍ୟନ୍ତ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇ ପାରିବ । ଆଫ୍ରିକୀୟ ଗେଣ୍ଡୁ କିସମ ଗୁଡିକ ଯଥା –ଜାଏଣ୍ଟବଲ, ଆଫ୍ରିକାନ ଏଲୋ , ଏରଲି ଏଲୋ, ଏରଲି ଅରେଞ୍ଜ, ଜାଏଣ୍ଟବଲ ଆଫ୍ରିକାନ ଅରେଞ୍ଜ ଓ କ୍ରାଉନ ଓଫ ଗୋଲ୍ଡ ଇତ୍ୟାଦି । ଗଛ ଲଗାଇବା ପୂର୍ବ ରୁ ଏକର ପ୍ରତି ୨୦ ଟନ ଗୋବର ଖତ, ୪୦ କେଜି ଯବକ୍ଷାରଜାନ, ୮୦ କେଜି ଫସଫରସ ଓ ୮୦ କେଜି ପୋଟାସ ସାର ପ୍ରୟୋଗ କରନ୍ତୁ । ୨୫ ରୁ ୩୦ ଦିନ ତଳି ବା ଡାଲି କଲମି ଉପରବେଳା ରୁଅନ୍ତୁ । |
| ପଶୁ ସମ୍ପଦ | ❖ ବର୍ତମାନ ବର୍ଷା ଋତୁରେ ଦୁଧିଆଳୀ ଗାଈ ମାନଙ୍କୁ Mastitis ରୋଗ ହେବାର ସମ୍ଭାବନା ଅଛି ।<br>❖ ବର୍ଷା ଦିନେ ଗାଈ ଗୁହାଳ ଓଦା ଓ ଅପରିଷ୍କାର ରଖିଲେ ଏହି ରୋଗ ଅଧିକ ହେବାର ସମ୍ଭାବନା ରହିଛି । ଏହି ରୋଗ ହେବା ଦ୍ୱାରା ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଥାଏ ।<br>❖ ନିକଟସ୍ଥ ପ୍ରାଣୀ ଚିକିସକଙ୍କ ସହ ଯୋଗାଯୋଗ କରି ଉଚିତ ଟୀକାକରଣ କରାନ୍ତୁ । | |
| ମତ୍ସ୍ୟଚାଷ | ❖ ଏକ ଏକର ପୋଖରୀରେ ପ୍ରାୟ ୧୨ ଲକ୍ଷ ଗୁଣ୍ଡ ଯାଁଳ ଛଡାଯାଇପାରିବ। ଏହି ଯାଁଳ ପାଇଁ ପୋଖରୀରେ ଥିବା ପ୍ରାକୃତିକ ଖାଦ୍ୟ ଯଥେଷ୍ଟ ନୁହେଁ । ସେଥିପାଇଁ କୁଣ୍ଡା ଓ ବାଦାମ ପିଡିଆ ଗୁଣ୍ଡ କୁ ସମାନ ଅନୁପାତରେ ମିଶାଇ ଦିନ କୁ ଦୁଇଥର ଖାଇବାକୁ ଦିଆଯାଏ । ଗୁଣ୍ଡ ଯାଁଳ ଛାଡିବାର ପ୍ରଥମ ୬ ଦିନ ୧୨ ଲକ୍ଷ ଯାଁଳ ପାଇଁ ୭.୨କେଜି ଖାଇବାକୁ ଦିଆଯିବ। ତାପରେ ୧୫ ଦିନ ଯାଏ ସେମାନଙ୍କୁ ୧୪.୪କେଜି ଖାଇବା ଦିନ କୁ ଦୁଇଥର କରି ଦେବେ। ଯାଁଳ ଛାଡିବାର ୨୧ ଦିନ ପରେ ସେମାନେ ଫ୍ରାଇରେ ପରିବର୍ତନ ହୋଇଯିବେ। | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି
ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷିୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)
(iOS: https://apps.apple.com/in/app/meghdoot/id1474048155)